## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଧନଞ୍ଜୟ
ପରିବାରବର୍ଗ


ଲିପସା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

Brahmin boy class- |. Required class -|. /||. Technical, PG. Contact: 7064174282. D-10189

26 Years, 6'2", MBA Brahmin boy, Aries needs a tall well- complexioned, employed, same caste bride. Contact: 7381862734. D-10163

Divorcee boy 48+ working Birlasun Life Insurance (Advisor) and land liaison Bhubaneswar. Property in Village. Contact: 7008201045. D-10161

Wanted suitable bride for good looking Software Engineer boy (Kaibarta) Bangalore. Mob: 9861805414 (Caste-no-bar). D-10111

51 ବର୍ଷ 5'6", BA pass କରିଥିବା ନିଃସନ୍ତାନ ପ୍ରତିଷ୍ଠିତ ବ୍ୟବସାୟୀ କରଣ ଜାତି ପାଇଁ ସୁଗୃହିଣୀ ୪୦ରୁ ୪୨ ବର୍ଷ ମଧ୍ୟରେ କରଣ ଏବଂ ଖଣ୍ଡାୟତ ଜାତିର BA pass କରିଥିବା ପାତ୍ରୀ ଆବଶ୍ୟକ। ଯୋଗାଯୋଗ: 7788969367, 9337442725. D-10157

Issueless poor bride is required for a Brahmin groom. Brides can contact directly to 8005941580 no dowry, Caste no bar. D-10162

Khandayat Groom MBBS, 29, 5'7", athletic, BBSR Pvt. Hosp. 12 Lakh/PA, Good Family, Need fair Beautiful Bride, General Caste. Send details (tushar_kn@yahoo.co.in). D-62060

Now Matrimonial ads. only on Wednesday & Sunday Book 1 Get 1 FREE

### GROOM WANTED

Barika girl M.Sc. required class- I /II. PO, Engineer. Contact: 9861950024. D-10188

Brahmin girl M.Sc. required class- I /II. PO, Doctor. Contact: 8280026066. D-10190

Khandayat bride Engineer 35, Lecturer 39, Business 40 (caste-no-bar).7873374269. D-65414

ବରପାତ୍ର ଆବଶ୍ୟକ, ସରକାରୀ ଚାକିରିଆ ତେଲି ଜାତିର ଝିଅ 35ବର୍ଷ ପାଇଁ ସରକାରୀ/ କମ୍ପାନୀ ଚାକିରି କରିଥିବା ସ୍ୱଜାତିର/ ସାଧାରଣ ବର୍ଗର ପାତ୍ର ଭୁବନେଶ୍ୱର/ଭୁବନେଶ୍ୱର ପାଖର ବାସିନ୍ଦା ହୋଇଥିବେ। 9238987694. D-59843

## classified




### SALE

L&T Pc 71 Komatsu show room condition, 2009 Dec (Mo): 7978887806. D-10187




### SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65237

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

Immediate sale 1815 sqft. 30' road gharabari boundry residential plot at Mouza Bhaula near Dhauli Temple. Contact: 9861995518. D-63212

Gharabari boundary plot infront of Krupajal Engineering Collage, Bhubaneswar: 9090899281, 8908805482. D-65415

Duplex bangalow 4BHK 95,00,000/- at Pokhariput, Bhubaneswar. Contact: 9861125539, 9040521173. D-58024

Plot sale near AIIMS Hospital Bhubaneswar with 30'road. 8456850883. D-65311

Book 3BHK duplex house at Bhimtangi, Bhubaneswar having land area 1400 sqft. and 2000 sqft. construction area. Price- 74 lakhs. 9078151122. D-65269

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

Prime property at Khandagiri (land & building) 2 storyed with underground cost Rs. 1.25 crore (negotiable) prime land on Puri Konark Marine drive on NH 2800 sqft., cost 35 lacs. Contact: 9338579645. D-10204

BBSR duplex with land Forest Park flats Saheed Nagar, Sastri Nagar. 8480465439. D-10222

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱର Khordha NHରୁ 100' ଦୂରତାରେ BDA plot 400/-ରେ ମିଳୁଅଛି। 9090963952. D-65313

### GENERAL
### SALE

CC Camera with reasonable price home, office ଲଗାଇବାକୁ ଚାହୁଁଛନ୍ତି। 8480465439. D-10221

### ଜନ୍ମଦିନ ଶୁଭେଚ୍ଛା




(ସୁଭ)
**ଧନଞ୍ଜୟ ବାରିକ**

ତୋର ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଓ ଛୋଟମାନଙ୍କ ଶୁଭେଚ୍ଛା ରହିଛି। ତୋର ବାପା, ବୋଉ, ବଡବାପା, ବଡବୋଉ, ଜେଜେମା, ଜେଜେବାପା ଓ ଭାଇଭଉଣୀ। ଧ-୫୩୨୨୨

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

Dedicated to our Father:
**RAMACHANDRA SUARA**
1st Anniversary
26.12.2018
WE ALWAYS REMEMBER THE THINGS YOU HAVETOUGHT US YOU LOVE US
Regards, Your 7 sons & 1 daughter and all beloved family members Rabi, Tuna, Kuna, Muna, Julu, Dilu, Nilu & Jyotchna Mayee
Kendupadara
Ganjam
761122
D-10227

**ଦଶାହ ଉପଲକ୍ଷେ**



**ସ୍ୱର୍ଗତା କନକ ମଞ୍ଜରୀ ମହାନ୍ତି**
ରଥଗଡ଼ା ସାହି, ପଟିଆ, ଭୁବନେଶ୍ୱର
ଆବିର୍ଭାବ: ୦୩।୦୨।୧୯୪୩
ତିରୋଧାନ: ୧୭।୧୨।୨୦୧୮
ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଅବିସ୍ମରଣୀୟ। ଆପଣଙ୍କ ଆଶୀର୍ବାଦ ଚିରସ୍ମରଣୀୟ। ଆପଣଙ୍କର ପୁଣ୍ୟଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୧୦୧୧୨

### ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା




(ଶ୍ରୀ)
**ସାଇସ୍ମିତା ରାଉତ**
ନିମାପଡ଼ା, ଜଗତ୍‌ସିଂହପୁର

ଆଜି ତୋର ପବିତ୍ର ୧ମ ଜନ୍ମଦିନରେ ପ୍ରଭୁ ସାଇବାବା ତୋର ଭବିଷ୍ୟତ ଜୀବନ ସୁଖମୟ କରନ୍ତୁ ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ବଡବାବା, ବଡମାମା, ବାବା, ମାମା, ଜେଜେବାପା, ମା, ଭାଇ, ଭଉଣୀ, ପିଉସା, ପିଉସୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ। ଧ-୧୦୨୧୭

# ପାର୍କିଂସ୍ଥଳରେ ଜଳିଲା କାର



ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)- ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ହୋଟେଲ ସ୍ୱସ୍ତି ପ୍ରିମିୟମ ସମ୍ମୁଖରେ ପାର୍କିଂ ହୋଇଥିବା ଏକ କାର(ଓଆର-୦୨ଜିଏ-୦୦୭୭) ମଙ୍ଗଳବାର ସନ୍ଧ୍ୟାରେ ଜଳିଯାଇଛି। ଘଟଣା ସମୟରେ କାର୍ ଭିତରେ କେହି ନ ଥିବାବେଳେ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଖବର ପାଇ ଚନ୍ଦ୍ରଶେଖରପୁର ଅଗ୍ନିଶମ ବିଭାଗ ଓ ସଚିବାଳୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଲିଭାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେତେବେଳକୁ କାରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା।

# ଚିକିତ୍ସାଧୀନ ଅବସ୍ଥାରେ ହାତୀର ମୃତ୍ୟୁ

ଲହୁଣୀପଡା, ୨୫।୧୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ବରସୁଆଁ ବନାଞ୍ଚଳ ତାଳଡିହିତୁଡା ସଂରକ୍ଷିତ ଜଙ୍ଗଲର ତିର୍କୀ ଟୋଲା ନିକଟରେ ଅଚିହ୍ନା ରୋଗରେ ପଡି ଚିକିତ୍ସିତ ହେଉଥିବା ଜଙ୍ଗଲି ହାତୀର ରବିବାର ମୃତ୍ୟୁ ଘଟିଛି। ବନବିଭାଗର ଉଦ୍ୟମ ବିଫଳ ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ ୧୦ରୁ ୧୨ ବର୍ଷ ବୟସର ଅଣ୍ଡିରା ହାତୀ ତୁଡା ସଂରକ୍ଷିତ ଜଙ୍ଗଲରେ ବୁଲାବୁଲି କରୁଥିଲେ ମଧ୍ୟ ଅସୁସ୍ଥ ଥିବା ଜଣାପଡିଥିଲା। ଖବରପାଇ ବରସୁଆଁ ରେଞ୍ଜ ବନକର୍ମଚାରୀ ହାତୀ ଉପରେ ନଜର ରଖିଥିଲେ। ଗତ ୨୨ ତାରିଖ ଠାରୁ ହାତୀ ଚଳପ୍ରଚଳ କରିବା ପାଇଁ ସକ୍ଷମ ନଥିବା ଜଣାପଡିଥିଲା। ଫଳରେ ଚିକିତ୍ସା ଆରମ୍ଭ କରାଯାଇଥିଲା । କିନ୍ତୁ ସ୍ୱାସ୍ଥ୍ୟ ଉନ୍ନତି ପରିବର୍ତ୍ତେ ଅବନତୀ ଦିଗକୁ ଗତି କରିଥିଲା ବୋଲି ଚିକିତ୍ସା କରୁଥିବା ପ୍ରାଣୀ ଚିକିତ୍ସକ ଡା. ସୁଧାକର ବେହେରା ସୂଚନା ଦେଇଥିଲେ ।

## ପ୍ରଥମ ପୃଷ୍ଠାରୁ...

### ବୋଗିବିଲ୍ ସେତୁ...

ବ୍ରହ୍ମପୁତ୍ର ନଦୀ ଉପରେ ବିଗତ ୬୦ରୁ ୭୦ ବର୍ଷ ମଧ୍ୟରେ ମାତ୍ର ୩ଟି ସେତୁ ନିର୍ମାଣ କରାଯାଇଥିବାବେଳେ କେବଳ ସାଢ଼େ ଚାରିବର୍ଷରେ ତିନୋଟି ବ୍ରିଜ୍ ସମ୍ପୂର୍ଣ୍ଣ ହୋଇଛି। ସେହିପରି ଆଉ ୫ଟି ବ୍ରିଜ୍ ନିର୍ମାଣାଧୀନ ଅଛି। ଏସବୁର ନିର୍ମାଣ କାର୍ଯ୍ୟ ଶେଷ ହେଲେ ବ୍ରହ୍ମପୁତ୍ର ନଦୀକୂଳରେ ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଯୋଗାଯୋଗ ତ୍ୱରାନ୍ୱିତ ହୋଇପାରିବ। ଏହାସହ ଉତ୍ତର-ପୂର୍ବର ବିକାଶର ଗତି ଏକ ନୂଆ ପରିବର୍ତ୍ତନ ଆଣିଦେବ। ସେତୁ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ଏନ୍‌ଡିଏ ସରକାରଙ୍କ ସଫଳତା ବଖାଣିବା ସହ କଂଗ୍ରେସକୁ ଟାର୍ଗେଟ କରିଥିଲେ।

ଆସାମ-ଅରୁଣାଚଳ ସୀମାରୁ ବୋଗିବିଲ ସେତୁର ଦୂରତା ୨୦ କି.ମି.। ୫,୯୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବ୍ରିଜ୍ ତେଜ୍‌ପୁରର କୋଲିଆ ଭୋମୋରା ସେତୁର ବିକଳ୍ପ ଭାବେ କାମ କରିବ ବୋଲି ଆଶା କରାଯାଉଛି। ଏଥିଯୋଗୁ ଆସାମ ଓ ଅରୁଣାଚଳର ୫ ନିୟୁତ ଲୋକ ଉପକୃତ ହେବେ। ଏହା ଭାରତର ପ୍ରତିରକ୍ଷା ସାମର୍ଥ୍ୟ ବଢ଼ାଇବ। ଏହି ସେତୁ ଉପରେ ଯୁଦ୍ଧବିମାନ ଅବତରଣ କରିପାରିବ। ଏହାସହ ସୀମାରେ ଚାଇନାକୁ ମୁକାବିଲା କରିବାରେ ଏହି ବ୍ରିଜ୍ ସେନାକୁ ସହାୟକ ହେବ। ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ୧୯୯୭ରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅଟଳବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବାବେଳେ ୨୦୦୨ରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତାଙ୍କ ୯୪ତମ ଜୟନ୍ତୀ ଅବସରରେ ଏହା ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି।

### ମଦ ଟ୍ରକ୍ ଲୁଟ୍ ଘଟଣାର ...

ଅନ୍ୟପକ୍ଷରେ ମଦ ଟ୍ରକ ଲୁଟ ଘଟଣାରେ ସମ୍ପୃକ୍ତ ୭ ଜଣ ଓ ଉକ୍ତ ମଦ ରଖିବା ଅଭିଯୋଗରେ ୨ଜଣ ସୋମବାର ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ୪୫୦ କାର୍ଟୁନ ବିଦେଶୀ ମଦ, ୨ଟି ଟ୍ରକ୍ (ନଂ. ଓଆର ୦୪ ଏଲ୍ ୬୧୦୪, ଓଡି ୦୨ ୩୫୦୩), ଇନୋଭା କାର୍ (ଓଡି ୦୨ ୩୦୩୦) ଓ ୧୦ଟି ମୋବାଇଲ ଫୋନ ଜବତ ହୋଇଛି। ଚୋରି ଟ୍ରକରୁ ଅଭିଯୁକ୍ତମାନେ ଅନ୍ୟ ଏକ ଟ୍ରକକୁ ମଦ ଅନଲୋଡ୍ କରି ବିକ୍ରି ପାଇଁ ନେଇଥିଲେ । ଉକ୍ତ ଟ୍ରକ୍‌ଟି ଗିରଫ ହୋଇଥିବା ଜଣେ ଅଭିଯୁକ୍ତଙ୍କ ନାଁରେ ଥିବା ବେଳେ ଇନୋଭାକୁ ଭଡ଼ାରେ ଅଣାଯାଇଥିଲା ବୋଲି ଛତ୍ରପୁରସ୍ଥିତ ରିଜର୍ଭ ଅଫିସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ୪ ତାରିଖରେ ଗୋପାଳପୁରର ୟୁନାଇଟେଡ୍ ସ୍ପିରିଟ୍ ଫ୍ୟାକ୍ଟ୍ରିରୁ ଏକ ଟ୍ରକରେ ୯୫୦ କାର୍ଟୁନ ବିଦେଶୀ ମଦ ବୋଝେଇ ହୋଇ ନିର୍ଗୁଣ୍ଡି ସ୍ଥିତ ଓଡ଼ିଶା ରାଜ୍ୟ ମଦ ନିଗମର ଡିପୋକୁ ଆସୁଥିଲା। ରାତି ପ୍ରାୟ ୧୧ଟାରେ ଖଲ୍ଲିକୋଟ ଥାନା ବଡଘାଟିଠାରେ ଡକାୟତମାନେ ଇନୋଭା କାରରେ ଆସି ଚାଳକ ଓ ହେଲ୍‌ପରଙ୍କୁ ବନ୍ଧୁକ ଦେଖାଇ ଟ୍ରକଟିକୁ ନେଇଯାଇଥିଲେ। ଚାଳକ କୌଣସି ପ୍ରକାରେ ଖସିଆସି ଟ୍ରକ୍ ଟ୍ରାନ୍ସପୋର୍ଟ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଘଟଣା ସମ୍ପର୍କରେ କହିଥିଲେ । ୬ ତାରିଖରେ ଏ ନେଇ କମ୍ପାନୀର ମ୍ୟାନେଜର ସୁଧୀର କୁମାର ପାଣିଗ୍ରାହୀଙ୍କ ଏତଲାକ୍ରମେ ଖଲ୍ଲିକୋଟ ଥାନାରେ ମାମଲା (ନଂ.୩୨୪/୧୮) ରୁଜୁ ହୋଇଥିଲା। ଆଇଆଇସି ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଥିଲା। ଟ୍ରକ୍ ଲୁଟ ମାମଲାରେ ସୋମବାର ପୁରୀ ଜିଲା ଗଡିଶଗଡିଆ ଥାନା ଗଡ଼ବରପଡ଼ାର ପୁରୁଷୋତ୍ତମ ବଳିୟାରସିଂ, ଡୋଛିଆଁ ଗାଁର ପ୍ରଦୀପ ପ୍ରତାପ ସିଂ, ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ରତକଟାପଟାର ସାଲୁ ଓରଫ ଅଭିଜିତ ଓରଫ ପାଟଲ ସିଂ, ଖଜୁରିଆର ନାସିର ଶାହ, ଜଙ୍କିଆ ଥାନା ନାରଙ୍ଗଗଡ଼ର ମନୋଜ କୁମାର କାଣ୍ଡି ଓ ହାଡପଡ଼ାର ବିରଞ୍ଚି କୁମାର ବେହେରା ଏବଂ କଟକ ଜିଲା କାନପୁର ଥାନା କାନପୁରର ବନମାଳୀ ସାହୁଙ୍କୁ ଗିରଫ କରାଯାଇଛି। ସେହିପରି ଉକ୍ତ ଚୋରା ମଦ ରଖିଥିବା ଖୋର୍ଦ୍ଧା ଜିଲା କୁନିଆସାମନ୍ତରାପୁର ଗାଁର ପ୍ରମୋଦ ମାର୍ଥା ଓ ଯୋଗେଶ୍ୱର ବିଶ୍ୱାଳଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଲୁଟ ଘଟଣାର ମାଷ୍ଟର ମାଇଣ୍ଡ ଥିବା ମାଛୁଆଙ୍କୁ ପୋଲିସ ଖୋଜୁଥିଲା। ମଙ୍ଗଳବାର ଭୋରରୁ ସେ ଜଣେ ସହଯୋଗୀ ବନମାଳୀ ପରିଡ଼ାଙ୍କ ସହ ବାଲୁଗାଁ ପଟୁ ବାଇକ୍‌ରେ ଆସୁଥିବା ଖଲ୍ଲିକୋଟ ପୋଲିସକୁ ସୂଚନା ମିଳିଥିଲା। ଗୁଡ଼ିଝର ଛକଠାରେ ପୋଲିସକୁ ଦେଖି ମାଛୁଆ ପ୍ରଥମେ ଗୁଳିଚଳାଇ ଖସିଯିବାକୁ ଉଦ୍ୟମ କରିଥିଲେ। ଆଇଆଇସି ସ୍ୱାଇଁ ପାଲଟା ଗୁଳି ଚଳାଇବାରୁ ତାଙ୍କ ଗୋଡ଼ରେ ବାଜିଥିଲା। ଫଳରେ ମାଛୁଆଙ୍କୁ କାବୁ କରାଯାଇଥିବା ବେଳେ ବନମାଳୀ ଖସି ପଳାଇଥିଲେ। ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ମାଛୁଆ ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମ ଜିଲାର ବିଭିନ୍ନ ଥାନା ଇଲାକାରେ ହୋଇଥିବା ୧୦ ରାଜପଥରୁ ଡକାୟତି ଓ ଲୁଟ୍ ଏବଂ ଅନ୍ୟ ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ଏସ୍‌ପି ରଏ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ପ୍ରଦୀପ କୁମାର ମହାପାତ୍ର, ଡିଏସ୍‌ପି ଦିଲୀପ ଦାଶ ଓ କେଶବ ଚନ୍ଦ୍ର ବେହେରା, ଛତ୍ରପୁର ଏସଡିପିଓ ରମେଶ ଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ ।

### ହେନ୍ତାଳବନ, କଇଁଛ ...

ମ୍ୟାନେଜମେଣ୍ଟ ଅଥରିଟି(ସିଜେଡ୍‌ଏମଏ)ର ଅନୁମତି ନେବାକୁ ପଡ଼ିବ।

ସିଆରଜେଡ-୩ରେ ସମୁଦ୍ର କୂଳରେ ଥିବା ଗ୍ରାମାଞ୍ଚଳଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି। ସେହି ସବୁ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଓ ସମୁଦ୍ର କ୍ଷୟ ଉପରେ ସଚେତନତା ସୃଷ୍ଟି କରାଯିବ। ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କୁ ସାମିଲ କରିବାକୁ ବ୍ୟବସ୍ଥା କରାଯାଇଛି। ସିଆରଜେଡ-୪କୁ ମଧ୍ୟ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ଜୋନ-ଏକୁ ସମୁଦ୍ର କୂଳରୁ ୧୨ ନଟିକାଲ ମାଇଲ ଯାଏ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଜୋନ-ବିରେ ସମୁଦ୍ର ମୁହାଁଣ ରହିଛି। ସମୁଦ୍ରରେ ମିଶିଥିବା ନଦୀଗୁଡ଼ିକର ସ୍ଥିତି ଓ ନଦୀର କେତେ ଅଞ୍ଚଳ ଯାଏ ଲବଣାଂଶ ରହିଛି ସେ ନେଇ ପରୀକ୍ଷା ନିରୀକ୍ଷା କରି ପ୍ରତିକାର କରାଯିବ। ଏହାଛଡ଼ା ପୋତିହୋଇ ପଡୁଥିବା ମୁହାଁଣର ବିକାଶ ପାଇଁ ମଧ୍ୟ ପଦକ୍ଷେପ ନିଆଯିବ।

ରାଜ୍ୟ ସରକାର ବହୁ ଉଚ୍ଚରେ ଆସୁଥିବା ସାମୁଦ୍ରିକ ଢେଉ(ଏଚଟିଏଲ) ଏବଂ କମ୍ ଉଚ୍ଚତାରେ ଆସୁଥିବା ଢେଉ(ଏଲଟିଏଲ)କୁ ଚିହ୍ନଟ କରି ନକ୍ସା ପ୍ରସ୍ତୁତ କରିବେ। ସେହି ଅନୁଯାୟୀ ଉପକୂଳ ଅଞ୍ଚଳରେ ପ୍ରକଳ୍ପଗୁଡିକୁ ଅନୁମତି ଦିଆଯିବ। କେନ୍ଦ୍ର ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ଅନୁମୋଦନ କରିବା ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିବ। ଏହି ନୂତନ ଉପକୂଳ ଅଞ୍ଚଳ ପରିଚାଳନା ଯୋଜନା ରାଜ୍ୟର ୭ଟି ଉପକୂଳବର୍ତ୍ତୀ ଜିଲାର ୪୮୦ କିଲୋମିଟର ବ୍ୟାପୀ ଅଞ୍ଚଳରେ କାର୍ଯ୍ୟକାରୀ ହେବ। ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲା ପାଇଁ ସ୍ୱତନ୍ତ୍ର ସିଆରଜେଡ ନକ୍ସା ପ୍ରସ୍ତୁତ କରାଯାଇଛି। କେଉଁ ଅଞ୍ଚଳରେ କ'ଣ ବିକାଶ ହେବ ସେ ନେଇ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି ବୋଲି ପରିବେଶ ନିର୍ଦ୍ଦେଶକ କେ. ମୁରୁଗୁସେନ କହିଛନ୍ତି। ଏହି ନୂତନ ସିଜେଡଏମପି ଯୋଗୁ ଉପକୂଳ ଅଞ୍ଚଳରେ ପ୍ରାକୃତିକ ସୁରକ୍ଷା ସହିତ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରିବ ବୋଲି ସେ କହିଛନ୍ତି।

### ଗଞ୍ଜାମରେ ୨ ...

ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କ ଦେହରେ କେତୋଟି ଗୁଳି ବାଜିଛି ଏବଂ କିଭଳି ମୃତ୍ୟୁ ଘଟିଛି ତାହା ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏଥିରେ ଜଗନ୍ନାଥପ୍ରସାଦ ଥାନା ଆଇଆଇସି ବୈଦେହୀ ବେହେରା ମଧ୍ୟ ଆହତ ହୋଇଛନ୍ତି । ଘଟଣା ସ୍ଥଳରୁ ବାବୁଙ୍କ ନିକଟରୁ ୨ ବନ୍ଧୁକ ଏବଂ ୩ ଅଫୁଟା ଗୁଳି ସମେତ ଏକ ବାଇକ୍ ପୋଲିସ ଜବତ କରିଛି ।

ପ୍ରକାଶଯେ, ଭଞ୍ଜନଗର ପୋଲିସ ଦ୍ୱାରା ଗୁଳି ବିନିମୟ ହେବା ପରେ ଚାକୁଣ୍ଡାପଲ୍ଲୀ ଗ୍ରାମର ବାବୁଙ୍କୁ ପୋଲିସ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରେ ଭଞ୍ଜନଗର ସବ୍‌ଜେଲରେ ତାଙ୍କୁ ବିଚାରାଧୀନ ବନ୍ଦୀ ଭାବେ ରଖାଯାଇଥିବା ବେଳେ ସେପ୍ଟେମ୍ବର ମାସରେ ସୁଯୋଗ ଉଣ୍ଡି ସେଠାରୁ ଖସି ପଳାଇଥିଲେ । ଦୀର୍ଘ ଏକ ମାସ ପରେ ଭଞ୍ଜନଗରରୁ ଧରାପଡିଥିଲେ ବାବୁ। ଏକ ବାଇକ୍‌ରେ ବାବୁ ଅନ୍ୟ ଦୁଇ ସହଯୋଗୀଙ୍କୁ ନେଇ କୌଣସି ଅପରାଧ ଘଟାଇବା ପାଇଁ ବୋମା ଧରି ଯାଉଥିବା ବେଳେ ରାସ୍ତାରେ ଦୁର୍ଘଟଣା ଘଟିଥିଲା। ଏଥିରେ ବୋମା ଫୁଟି ଯିବାରୁ ବାବୁ ଆହତ ହୋଇଥିଲେ । ସମସ୍ତଙ୍କୁ ପୋଲିସ ଉଦ୍ଧାର କରି ପ୍ରଥମେ ଭଞ୍ଜନଗର ମେଡିକାଲ ଏବଂ ପରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲା। ସର୍ଜରୀ ବିଭାଗରେ ତାଙ୍କୁ ଭର୍ତ୍ତି କରାଯାଇ, ସେଠାରେ କଡା ସୁରକ୍ଷା ବଳୟ ମଧ୍ୟରେ ଚିକିତ୍ସା ଜାରି ରହିଥିଲା। ବାବୁଙ୍କୁ ଜଗିବା ପାଇଁ ୫ ହାବିଲଦାର ଓ କନଷ୍ଟେବଳ ନିୟୋଜିତ ଥିଲେ। କିନ୍ତୁ ସୁଯୋଗ ଉଣ୍ଡି ସେ କେଉଁଆଡେ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ନିୟୋଜିତ ଥିବା ଜଣେ ହାବିଲଦାର ଏବଂ ୪ କନଷ୍ଟେବଳଙ୍କୁ ଗଞ୍ଜାମ ଏସ୍‌ପି ବ୍ରିଜେଶ୍ ରାୟ ନିଲମ୍ବନ କରିଥିବା ବେଳେ ସବୁ ଥାନାକୁ ହାଇ ଆଲର୍ଟ କରାଯାଇ ଫେରାର ବାବୁର ତଲାସୀ ଆରମ୍ଭ କରାଯାଇଥିଲା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ପ୍ରତ୍ୟେକ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟିହେବ। ପରିବହନ, ବ୍ୟବସାୟ, ବାଣିଜ୍ୟରେ କିଛି ପ୍ରତିବନ୍ଧକଜନିତ ବିଷୟକୁ ନେଇ ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ଅନ୍ୟ ମାନଙ୍କ କଥାଗୁଡିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ।

**ବୃଷ**



ନିକଟ ସମ୍ପର୍କୀୟମାନେ ଆପଣଙ୍କୁ କାମ ହାସଲ ଦିଗରେ ସାହାଯ୍ୟ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ବିଭିନ୍ନ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇ ପାରିବେ। ପରୋକ୍ଷ ଶତ୍ରୁତା କାରଣରୁ ଆନୁଷ୍ଠାନିକ କାମରେ କେତେକ ସମସ୍ୟା ସୃଷ୍ଟି ହୋଇପାରେ । କୌଣସି ମୂଲ୍ୟବାନ ଜିନିଷ ଖରିଦ କରିବା ସକାଶେ ଇଚ୍ଛା କରିପାରନ୍ତି।

**ମିଥୁନ**



ଆଜିର କର୍ମକ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ଆପଣ ଯେଉଁ ନିଷ୍ପତ୍ତି ନେବେ ତାହା ଶେଷ ସମୟରେ ଓଲଟ ପାଲଟ ହୋଇଯିବାର ଆଶଙ୍କା ରହିଛି। ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମଧ୍ୟ ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ, କିନ୍ତୁ ଏଥିପାଇଁ ବହୁତ ତକଲିଫି ଭୋଗ କରିବାକୁ ପଡିବ।

**କର୍କଟ**



ନିଜ ନିଜର କାମ ହାସଲ କ୍ଷେତ୍ରରେ ଆତ୍ମୀୟମାନେ କେତେକ ସମସ୍ୟା ଆଣିପାରନ୍ତି। ପାରିବାରିକ ଜୀବନରେ ସ୍ଥିରତା ଅବ୍ୟାହତ ରହିବ ଅବଶ୍ୟ ସବୁ କଥାରେ ନରମି ରହିପାରିଲେ ହିଁ ସୁଫଳ ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ସଭାସମିତି କ୍ଷେତ୍ରରେ ସଫଳତା ହାସଲ କରିପାରିବେ ।

**ସିଂହ**



ଆଜିର ବିବାଦୀୟ ପରିସ୍ଥିତି ଟିକିଏ ଜଟିଳ ଆଡ଼କୁ ଗତି କରିପାରେ। ବନ୍ଧୁଙ୍କ ମାଧ୍ୟମରେ ଅର୍ଥଲାଭର ଯୋଗ ରହିଛି , ଯାହାକି ଆପଣଙ୍କର ବହୁତ ପୂର୍ବରୁ ହିଁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବେ। ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି।

**କନ୍ୟା**



ପରିବାରରେ ନିଜ ନିଜ ମଧ୍ୟରେ ଭୁଲ୍ ବୁଝାମଣା ଯୋଗୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ତରବରିଆ ଯାତ୍ରା ସମୟରେ ଯାନ ବାହନରେ ସତର୍କ ରହିବା ଭଲ, ନଚେତ୍ ସମସ୍ୟା ଉପୁଜିପାରେ। ଦୀର୍ଘଦିନ ହେଲା ସହକର୍ମୀଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେବେ।

**ତୁଳା**



ଭଲ ସମ୍ପର୍କ ନ ଥିବା ବନ୍ଧୁମାନଙ୍କ ଦ୍ୱାରା କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବାକୁ ପଡ଼ିବ। ହଠାତ୍ ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ଦୂର ସ୍ଥାନକୁ ଯାତ୍ରା କରିବା ଲାଗି ମନ ବଳାଇବେ। ଉଚ୍ଚ ଅଧିକାରୀଙ୍କ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ବିଛା**



ପ୍ରତ୍ୟେକ ପରିସ୍ଥିତି ସୁଧୁରି ଯିବ, ଯାହାର ଝଲକ ଆଜି ହିଁ ଆପଣ ପାଇଯିବେ। ଗତକାଲିଠାରୁ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ ନିଶ୍ଚିତ କୃତକାର୍ଯ୍ୟ ହେବେ। ଲେଖାପଢ଼ାରୁ , ସାମ୍ବାଦିକତାରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ**



ହିତୈଷୀ ମାନଙ୍କ ପରାମର୍ଶରେ କେତେକ ନୂତନ କାମର ପରିକଳ୍ପନା କରିପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟରେ ବହୁତ ଶ୍ରମ ଓ ହଇରାଣ ହେବାକୁ ପଡିପାରେ। ପାରିବାରିକ ସ୍ଥିତିରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଆଲୋଚନା, କ୍ରୟବିକ୍ରୟ, ନୂତନ କର୍ମାରମ୍ଭ, ସନ୍ତାନଙ୍କ ସମସ୍ୟା ବିଷୟରେ ଚିନ୍ତିତ ରହିପାରନ୍ତି।

**ମକର**



ପରୋକ୍ଷ ଶତ୍ରୁତା କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଅଫିସ୍‌ରେ ସହକର୍ମୀଙ୍କ ଦୌରାତ୍ମ୍ୟ କିମ୍ବା ପଡୋଶୀଙ୍କ ପରୋକ୍ଷ ଆକ୍ଷେପୋକ୍ତିରେ ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ଟେନ୍‌ସନ କିଛିମାତ୍ରାରେ କମିଯିବ। କାମରେ ବାଧା ଉପୁଜାଇବା କାରଣରୁ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**କୁମ୍ଭ**



ପ୍ରତ୍ୟେକ ଦିଗରୁ ଆଜି ଦିନଟି ଭଲ, କିନ୍ତୁ ଜଗି ରଖି କଥାବାର୍ତ୍ତା କରିବା ଭଲ ହେବ। ଜମିଜମା ସମସ୍ୟା, ବ୍ୟବସାୟ କିମ୍ବା ପରିବହନରେ ସମସ୍ୟାର ସମାଧାନ କରିବାରେ ସଫଳ ହେବେ। ଉପରିସ୍ଥ କର୍ମଚାରୀ କିମ୍ବା ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଅଭିଳଷିତ କାର୍ଯ୍ୟ ହାସଲ କରିବାରେ ସମର୍ଥ ହୋଇପାରନ୍ତି।

**ମୀନ**



କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପଡ଼ୋଶୀରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ନିଜ ସ୍ୱାର୍ଥକୁ ଆଖିଆଗରେ ରଖି ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ। ଗୃହ କାମରେ ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କାମକୁ ପାସୋରି ଦେଇପାରନ୍ତି।

ଆଜି ପୌଷ କୃଷ୍ଣ ଚତୁର୍ଥୀଯୁକ୍ତ ୫ମୀ ବୁଧବାର, ଡିସେମ୍ବର ୨୬ ତାରିଖ, ଦିବା ଘ.୨।୨୮ମି. ପର୍ଯ୍ୟନ୍ତ ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, କର୍କଟ ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୭।୪୩ମି. ଗତେ ଘ.୯।୦୪ମି. ମଧ୍ୟେ, ଘ.୨।୨୯ମି. ଗତେ ଘ.୩।୫୦ମି. ମଧ୍ୟେ ଅମୃତବେଳା। ସକାଳ ଘ.୭।୪୩ମି. ମଧ୍ୟେ ଘ.୧୦।୨୫ମି. ଗତେ, ଘ.୧୧।୪୬ମି. ମଧ୍ୟେ ଘ.୩।୫୦ମି. ଗତେ, ଘ.୫।୧୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧।୪୭ମି. ଗତେ ଘ.୧।୦୮ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ଖଲ୍ଲିକୋଟ,୨୫।୧୨(ଡି.ଏନ୍.ଏ.)- ଖଲ୍ଲିକୋଟ ବ୍ଲକ କୈରାଶି ଗ୍ରାମରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ତ୍ରୟୋଦଶ ବାର୍ଷିକ ଉତ୍ସବ ଓ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ତ୍ରିଲୋଚନ ପାଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାମଚନ୍ଦ୍ର ବିଜ୍ଞାନ ମହାବିଦ୍ୟାଳୟର ଓଡିଆ ଅଧାପକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟଅତିଥି, ଖଲ୍ଲିକୋଟ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, କୈରାଶି ସରପଞ୍ଚ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଏବଂ ରମେଶ ଚନ୍ଦ୍ର ପାଳ, ଶଶଧର ବେହେରା, ଶିବରାମ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାକେନ୍ଦ୍ରର ଅଧକ୍ଷ ଗୌରିଶଙ୍କର ପ୍ରଧାନ ଏବଂ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଉତ୍ସବର ପରିଚାଳନା କରିଥିଲେ। ସମସ୍ତ ଛାତ୍ରୀଛାତ୍ର ଅଭିଭାବକ ଉପସ୍ଥିତ ଥିଲେ। ଅପରାହ୍ନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶାରୀରିକ କୌଶଳ ପ୍ରଦର୍ଶନ କରାଯାଇଥିଲା।

### ପୋଡ଼ାମାରିରେ ବିଜେଡିର ୱାର୍ଡ କମିଟି ସମାବେଶ

ଦିଗପହଣ୍ଡି/ପାଟପୁର,୨୫।୧୨(ଡି.ଏନ.ଏ.)- ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ଗ୍ରାମରେ ୫୯ନଂ. ଜିଲା ପରିଷଦ ଜୋନସ୍ତରୀୟ ୱାର୍ଡ କମିଟି ସମାବେଶ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୋଡ଼ାମାରି ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଆୟୋଜିତ ସଭାରେ ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ ବିଶୋୟୀ ଅଧକ୍ଷତା କରିଥିଲେ । ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଗୁଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଦଳୀୟ କର୍ମୀ ଓ ନିର୍ବାଚିତ ଜନ ପ୍ରତିନିଧି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ବ୍ଲକ ବିଜେଡି ସଭାପତି ଗୋବିନ୍ଦ ସ୍ୱାଇଁ, ବ୍ଲକ ଅଧକ୍ଷା ସଙ୍ଗୀତା ବେହେରା, ରାଜ୍ୟ ଓସ୍‌କାର୍ଡ ବ୍ୟାଙ୍କ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ପୂର୍ବତନ ବ୍ଲକ ଅଧକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ସହଦେବ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଶଙ୍କର୍ଷଣ ସ୍ୱାଇଁ, ଗୀତାଞ୍ଜଳି ନାୟକ, ସରପଞ୍ଚ ଭାଗ୍ୟଶ୍ରୀ ବିଶୋୟୀ, ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ ।

### ରକ୍ତଦାନ ଶିବିର

ଶେରଗଡ, ୨୫।୧୨ (ଡି.ଏନ.ଏ.)- ଶେରଗଡ ଧନନ୍ତରସ୍ଥିତ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଧନନ୍ତର ପଞ୍ଚାୟତର ବିଜୁ ଯୁବ ବାହିନୀ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହାକୁ ବ୍ଲକ ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ ଶୁଭାରମ୍ଭ କରିଥିଲେ । ଆଲୋକ କୁମାର ପଟ୍ଟନାୟକ ଓ ଯୁବବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଶିବିରରେ ୧୦୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ, ପ୍ରମୋଦ କୁମାର ପାତ୍ର, ଗୋବିନ୍ଦପୁର ସରପଞ୍ଚ ସୀମାଞ୍ଚଳ ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ବ୍ରହ୍ମପୁର ରକ୍ତଭଣ୍ଡାର ରକ୍ତ ସଂଗ୍ରହରେ ସାହାର୍ଯ୍ୟ କରିଥିଲେ ।

### ୪ ବଖରା ଜଳିଗଲା

ଗଞ୍ଜାମ,୨୫।୧୨(ଡି.ଏନ.ଏ.)- ଗଞ୍ଜାମ ବ୍ଲକ ସୁବଳୟା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ନିଆଁ ଲାଗି ୨ପରିବାରର ୪ବଖରା ଚାଳ ଘର ଜଳିଯାଇଛି। ଗ୍ରାମର ଭ୍ରମର ବେହେରା ଓ ପ୍ରଦୀପ ବେହେରାଙ୍କ ଚାଳଘର ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଥିବା ଜଣାପଡିଛି। ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ ଅଞ୍ଚଳବାସୀ ଓ ପୂର୍ବତନ ସରପଞ୍ଚ କେଦାର ସ୍ୱାଇଁ ଘଟଣା ସମ୍ପର୍କରେ ତହସିଲଦାରଙ୍କୁ ଅବଗତ କରାଇଥିଲେ ମଧ ବଡଦିନ ଛୁଟି ଯୋଗୁ କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପାରି ନ ଥିବା ଜଣାପଡିଛି। ଅଗ୍ନିକାଣ୍ଡର କାରଣ ଜଣା ପଡିନାହିଁ। ଉଭୟ ପରିବାରର ସମସ୍ତ ଆସବାବପତ୍ର, ଆଲମିରା ଓ ଅନ୍ୟାନ୍ୟ ସାମଗ୍ରୀ ପୋଡିଯାଇଥିବା ଜଣାପଡିଛି।

### ବାର୍ଷିକ ଉତ୍ସବ ଅନୁଷ୍ଠିତ

ଶଙ୍କରାଖୋଲ,୨୫।୧୨ (ଡି.ଏନ୍.ଏ)- ଚକାପାଦ କସ୍ତୁରବା ବାଳିକା ଆବାସିକ ବିଦ୍ୟାଳୟ ଓ ବିରୁପାକ୍ଷ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ପ୍ରଧାନଙ୍କ ଅଧକ୍ଷତାରେ ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚକାପାଦ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେଶ କୁମାର ଦାସ, ମୁଖ୍ୟବକ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବୁଲୁଦେଶୀ ନାୟକ, ସମ୍ମାନିତ ଅତିଥି ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି କିଶୋର ଚନ୍ଦ୍ର କହଁର ପ୍ରମୁଖ ଯୋଗଦେଇଥିଲେ। ରୁନୁବାଳା ସାହୁ ଓ ଉମେଶ ଚନ୍ଦ୍ର ପ୍ରଧାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ୨ ଚାମ୍ପିୟନଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା।

## ଲୋକକଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଗଞ୍ଜାମର ଲୋକକଳା, ନୃତ୍ୟ ବିଶ୍ୱ ବିଖ୍ୟାତ

ଛତ୍ରପୁର,୨୫।୧୨(ଡି.ଏନ.ଏ)

ଛତ୍ରପୁର ଷ୍ଟାଡିୟମଠାରେ ଚାଲିଥିବା ଜିଲାସ୍ତରୀୟ ଲୋକକଳା ମହୋତ୍ସବ, ପୁସ୍ତକ ଓ ପଲ୍ଲୀଶ୍ରୀ ମେଳା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ତଥା ଜିଲା ଯୋଜନା କମିଟିର ଅଧକ୍ଷ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଞ୍ଜାମର ଲୋକକଳା ଓ ନୃତ୍ୟ ବିଶ୍ୱ ବିଖ୍ୟାତ ବୋଲି କହିଛନ୍ତି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଡିଆରଡିଏ ପିଡି ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ



ପ୍ରହ୍ଲାଦ ନାଟକ ମଞ୍ଚସ୍ଥ।

ହୋତା, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ଡିଆରଡିଏ ଏପିଡି ପ୍ରିୟରଞ୍ଜନ ପୃଷ୍ଟି, ମହୋତ୍ସବ ଅଧିକାରୀ କୃଷ୍ଣ ଚନ୍ଦ୍ର ନିଶଙ୍କ, ଗ୍ରନ୍ଥାଗାରିକ ଅମୀୟ କୁମାର ଧଳ, ଏନଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ ଏହାକୁ ସଂଯୋଜନା କରିଥିଲେ । ଏହି ଅବସରରେ ଗାୟକ ଐଶ୍ୱର୍ଯ୍ୟ ନିଗମ ଓ ସାଥୀଙ୍କ ମେଗା ସାସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ଏହା ପୂର୍ବରୁ ଶେରଗଡ ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ପ୍ରହ୍ଲାଦ ନାଟକ, ଗଞ୍ଜାମ ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ଘଣ୍ଟ ମୃଦଙ୍ଗ, ସାନଖେମୁଣ୍ଡି ବ୍ଲକ ସଂଘ ପକ୍ଷରୁ ଭାରତ ଲୀଳା, ବିହୁ ନୃତ୍ୟ, ଭାରତ ନାଟ୍ୟମ, ସମ୍ବଲପୁରୀ, କ୍ଲାସିକାଲ ମିକ୍ସ, ଡ୍ରିମ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ମର୍ଦ୍ଦନ ଡ୍ୟାନ୍ସ, ସୁନ୍ଦରଗଡ ଜିଲା କୁରେଇବାଗରୁ ଆସିଥିବା କଳାକାରମାନେ କିସାନ-କର୍ମା ନୃତ୍ୟ ପରିବେଷଣ କରିଥିଲେ।

# ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ଉତ୍ସବ



ମଞ୍ଚାସୀନ ଅତିଥି ।

ଆସିକା,୨୫।୧୨(ଡି.ଏନ୍.ଏ.)

ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ବିଦ୍ୟାଳୟର ସଭାପତି ଡା. ପ୍ରମୋଦ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟର ଉପସଚିବ ଡ. କୁଳମଣି ଓଝା ଏବଂ ସମ୍ମାନିତ ଅତିଥି ଭାବେ ଓଡିଶା ଶିକ୍ଷା ବିକାଶ ସମିତି ସଭାପତି ଡ. ବିନାୟକ ଦାଶ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିର ସମ୍ପାଦକ ଇ. ବସନ୍ତ କୁମାର ଷଡଙ୍ଗୀ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଏବଂ ପୂର୍ବତନ ଛାତ୍ରୀଛାତ୍ର ଓ ପରିବାରବର୍ଗଙ୍କ ସମାଗମରେ ରବିବାରଠାରୁ ଚାଲିଥିବା ଏହି ଉତ୍ସବରେ ବେଶ୍ ଭିଡ ଜମିଥିଲା। ଶିଶୁମନ୍ଦିର ପକ୍ଷରୁ ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଖବରଦାତା ବିପିନ ଦାଶ, ସୁରେନ୍ଦ୍ର ସାହୁ, ଆଇନଜୀବୀ ଭାସ୍କର ସ୍ୱାଇଁ, ଓକିଲ ସଂଘ ସଭାପତି ସୁରେନ୍ଦ୍ର ନାଥ ପଣ୍ଡା, ସ୍ୱାସ୍ଥ୍ୟସେବା ଲାଗି ମନୋରଞ୍ଜନ ଚୌଧୁରୀ ପ୍ରମୁଖଙ୍କୁ ଉପଢୌକନ ଓ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଇଂ. ରୋହିତ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାମନ୍ଦିର ପରିସରରେ ବରପୁତ୍ର ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ନେତାଜୀ ସୁଭାଷଚନ୍ଦ୍ର ବୋଷ ଏବଂ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ଉନ୍ନତମାନର ଶିକ୍ଷା ପ୍ରଦାନ ସହିତ ସୁନ୍ଦର ସରଳ ଶିଶୁଙ୍କୁ ନିଜ ଚଲାପଥରେ ସୁଦୃଢ଼ କରି ଗଢି ତୋଳିବା ପାଇଁ ଶିଶୁ ମନ୍ଦିରର ପ୍ରୟାସ ନେଇ ଆଲୋଚନା ହୋଇଥିଲା।

## ନାବାଳିକାଙ୍କୁ ବଳାତ୍କାର ମାମଲା

# ୧୧ ମାସ ପରେ ଫେରାର୍ ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୨୫।୧୨(ଡି.ଏନ.ଏ.)

ନାବାଳିକାଙ୍କୁ ବଳାତ୍କାର ମାମଲାରେ ଫେରାର ଥିବା ଅଭିଯୁକ୍ତ କପିଳ ଓରଫ କପିଳାସ ସାହୁଙ୍କୁ ମଙ୍ଗଳବାର କେ.ନୂଆଗାଁ ପୋଲିସ ଗିରଫ କରି ବ୍ରହ୍ମପୁର ଜିଲା ଦୌରାଜଜ୍ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ଜାନୁୟାରୀ ୨୫ରେ ଅଭିଯୁକ୍ତ ନାବାଳିକାଙ୍କୁ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। କେ.ନୂଆଗାଁ ଆଇଆଇସି ସୁଜିତ କୁମାର ନାୟକ ନଂ.୧୧/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ଗିରଫ ଭୟରେ ଅଭିଯକ୍ତ କପିଳ ଫେରାର ହୋଇଯାଇଥିଲେ। କପିଳ ଗାଁକୁ ଫେରିଥିବା ଖବର ପାଇ ପୋଲିସ ତାଙ୍କ ଘର ଉପରେ ଚଢ଼ାଉ କରି ଗିରଫ କରିଥିଲା। ପୂର୍ବରୁ ପୋଲିସ ନାବାଳିକାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଇଥିବା ବେଳେ ଅଭିଯୁକ୍ତଙ୍କୁ ମଧ ଡାକ୍ତରୀ ମାଇନା କରାଯାଇଥିବା ଜଣାପଡିଛି।

# ଆର୍ଯ୍ୟଭଟ୍ଟର ପୁରାତନ ଛାତ୍ର ସମ୍ମିଳନୀ

ବ୍ରହ୍ମପୁର ଅଫିସ,୨୫।୧୨

ବ୍ରହ୍ମପୁର ଅଗ୍ରଣୀ ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନରେ ଶିକ୍ଷା ଗ୍ରହଣ କରି ରାଜ୍ୟ ତଥା ଦେଶର ପ୍ରତିଷ୍ଠିତ କଲେଜରେ ସ୍ନାତକ ଏବଂ ସ୍ନାତକୋତ୍ତର ଡାକ୍ତରୀ ଶିକ୍ଷା ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ 'ଆର୍ଯ୍ୟଭଟ୍ଟ ମେଡିକୋ ଆଲୁମିନି'ର ଏକ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସମ୍ମିଳନୀକୁ ବିଶିଷ୍ଟ ଶିକ୍ଷାବିତ୍ ପି.ଏସ.ଏନ ପାତ୍ର ଉଦ୍‌ଘାଟନ କରି ଡାକ୍ତରଙ୍କ ସାମାଜିକ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ପକ୍ଷରୁ ଶିକ୍ଷାବିତ୍ ଶ୍ୟାମସୁନ୍ଦର ଖାଡଙ୍ଗାଙ୍କ ଦ୍ୱାରା ବିଶିଷ୍ଟ ଚିକିତ୍ସକ ପ୍ରଫେସର ଡା. ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଫେସର ଡା. ନୃସିଂହ ଚରଣ ପାଢ଼ୀ, ଏମ୍‌କେସିଜି ପ୍ରଫେସର ଡା. ଗଣେଶ୍ୱର ସେଠୀଙ୍କୁ ନିଷ୍ଠାପର ସେବା ପାଇଁ ସମ୍ବର୍ଦ୍ଧିତ କରିଥିଲେ। ସେବା ସହ ସାମାଜର ସାମଗ୍ରିକ ବିକାଶରେ ମଧ ଡାକ୍ତରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରଫେସର ଡା. ପାଢ଼ୀ



ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ।

କହିଥିଲେ । ଅନୁଷ୍ଠାନ ନିର୍ଦ୍ଦେଶକ ସୁଧୀର କୁମାର ରାଉତ ଅଧକ୍ଷତା କରି ସଫଳତାର ଶୀର୍ଷରେ ପହଞ୍ଚି ମଧ ମାଟିକୁ ନ ଭୁଲିବାକୁ କହିଥିଲେ । ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନର ବରିଷ୍ଠ ସ୍ୱେଚ୍ଛାସେବୀ ତଥା ସମାଜିକକର୍ମୀ ଦ୍ୟୁମ୍ନନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ସୁଶାନ୍ତ ମହାନ୍ତି, ସୁକାନ୍ତ ଗୌଡ, ଅବିନାଶ ରାଓ, ଶୁଭେନ୍ଦୁ ପାତ୍ର, ମନୋଜ ଡାକୁଆ, ଦୀପକ ସାମଲ, ଜିତେନ୍ଦ୍ର ସାହୁ, ପ୍ରକାଶ ରାଓ, ଭୀମରାଜୁ ପାତ୍ର ଓ କେ. ଶ୍ୟାମଘନ ପ୍ରମୁଖ ପରିଚାଳନା କରିଥିଲେ । ଅନୁଷ୍ଠାନରୁ ଶିକ୍ଷାଲାଭ କରି ରାଜ୍ୟ ତଥା ଦେଶର ବିଭିନ୍ନ ମେଡିକାଲ କଲେଜରେ ପଢୁଥିବା ୧୦୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।

# କବିସମ୍ରାଟ ସାହିତ୍ୟ ସଂସଦର ବୈଠକ

ଭଞ୍ଜନଗର,୨୫।୧୨(ଡି.ଏନ.ଏ.)

କବିସମ୍ରାଟ ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ଗୀତାଭବନ ପରିସରରେ ମଙ୍ଗଳବାର ଏକ ସାହିତ୍ୟ ଆସର ହୋଇଥିଲା। ଏଥିରେ ଡ଼. ସୁରେଶ ପଣ୍ଡା ସଭାପତିତ୍ୱ କରିଥିଲେ। ବରିଷ୍ଠ ଲେଖକ ମୋତିଲାଲ ପତି, ରାମକୃଷ୍ଣ ପତି, ବଳରାମ ସ୍ୱାଇଁ, ସରୋଜ କୁମାର ନନ୍ଦ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଓଡିଆ ଭାଷା ସାହିତ୍ୟର ଭବିଷ୍ୟତ ଉପରେ ଆଲୋଚନା କରିଥିଲେ। ଗୁରୁମୂର୍ତ୍ତି ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ପଠୋତ୍ସବକୁ ଅଶୋକ ସାହୁ,



ବୈଠକରେ ଉପସ୍ଥିତ ଲେଖିକା ଲେଖକ।

ବିମ୍ବାଧର ଷଡ଼ଙ୍ଗୀ ସଂଯୋଜନା କରିଥିଲେ। ଅରୁଣାଞ୍ଚଳ ପତି, ତ୍ରିନାଥ ବେହେରା, ଗାୟତ୍ରୀ ସାହୁ, ଶୁଭସ୍ମିତା ଦାସ, ସଙ୍ଗୀତା ପଣ୍ଡା, ଡ଼. ନଳିନୀପ୍ରଭା ଦାସ, ପ୍ରଭାତି ମଞ୍ଜରୀ ବେହେରା, ରଞ୍ଜୁଲତା ବେହେରା, ଚିନ୍ମୟ କୁମାର ବେବର୍ତ୍ତା, ସୁରେଶ ଚନ୍ଦ୍ର ସ୍ୱାଇଁ, ଗୋକୁଳ ଚନ୍ଦ୍ର ଶତପଥୀ, ପ୍ରଭାତ କୁମାର ଆଚାର୍ଯ୍ୟ, ବିମ୍ବାଧର ଷଡ଼ଙ୍ଗୀ, ଜ୍ୟୋତିରାଜ ପତି ପ୍ରମୁଖ କବିତା ପାଠ କରିଥିଲେ।




# ହିଞ୍ଜିଳିକାଟୁରେ ପଥ ମହୋତ୍ସବ



ପଥ ମହୋତ୍ସବରେ ସାମିଲ ହୋଇଥିବା ଲୋକେ।

ହିଞ୍ଜିଳିକାଟୁ,୨୫।୧୨(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ସହର ଦେଇ ଯାଇଥିବା ୫୯ନଂ. ରାଜପଥର ରାଜାସାହିଠାରୁ ବଇଁଚବଣିଆ ପ୍ରାୟ ଦେଢ଼ କିମି ରାସ୍ତାରେ ମଙ୍ଗଳବାର ପ୍ରଥମଥର ପାଇଁ ପଥ ମହୋତ୍ସବ ହୋଇଥିଲା। ଏଥିରେ ବିଭିନ୍ନ ବ୍ୟକ୍ତି ନିଜ ନିଜ ପ୍ରତିଭା ପ୍ରଦର୍ଶନ କରୁଥିଲେ। ସକାଳ ୬ଟାରୁ ମଧ୍ୟାହ୍ନ ପ୍ରାୟ ୧୨ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଥିଲା। ଏହା ଦେଖିବା ନିମନ୍ତେ ରାସ୍ତାରେ ସହର ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଲୋକଙ୍କ ଭିଡ଼ ହୋଇଥିଲା। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଡିଆରଡ଼ିଏ ପିଡ଼ି ଇଂ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏପିଡ଼ି ପ୍ରିୟରଞ୍ଜନ ପୃଷ୍ଟି, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ଜିଲା ସହରାଞ୍ଚଳ ଉନ୍ନୟନ ପରିଷଦ (ଡୁଡ଼ା) ପିଡ଼ି ସବ୍ୟସାଚୀ ହୋତା, ପଥ ମହୋତ୍ସବର ଅଧକ୍ଷ ତଥା ହିଞ୍ଜିଳିକାଟୁ ବିଡିଓ ପ୍ରସନ୍ନ କୁମାର ପାତ୍ର, ତହସିଲଦାର ଗୋପୀନାଥ କୁଅଁର, ଆସିକା ଏସଡ଼ିପିଓ ସୂର୍ଯ୍ୟମଣି ପ୍ରଧାନ, ପୌରାଞ୍ଚଳ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଗୀତ, ନୃତ୍ୟ, ଫ୍ୟାନ୍ସି ଡ୍ରେସ, ମହିଳାଙ୍କ ପାଇଁ ମ୍ୟୁଜିକ ଚେୟାର, ଦଉଡ଼ି ଡ଼ିଆଁ, ଯୋଗାସନ, ଝୋଟି, କୁଇଜ, ଚିତ୍ରାଙ୍କନ ସହ ଲୋକନୃତ୍ୟ, ସେଲ୍ଫି ଷ୍ଟାଣ୍ଡ, ବୟସ୍କଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଆଦି କରାଯାଇଥିଲା। ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣାଙ୍କ ବାଲୁକା କଳା ଓ ଦେଶର ଚର୍ଚ୍ଚିତ ଗୁଗୁଲ ଗାର୍ଲ ମେଘାଳି ମାଳବିକା ସ୍ୱାଇଁ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଆକର୍ଷଣ ସାଜିଥିଲେ। ପ୍ଲାଷ୍ଟିକମୁକ୍ତ ପରିବେଶ, ନିଶା ନିବାରଣ, ଚାରାରୋପଣ ଓ ସ୍ୱଚ୍ଛତା ବାର୍ତ୍ତା ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚିତ୍ରାଙ୍କନ ଓ ନାଟକ ପରିବେଷଣ ହୋଇଥିଲା। ଛୋଟ ପିଲାମାନେ ସ୍କେଟିଂର ଷ୍ଟଣ୍ଟ ଦେଖାଇଥିଲେ। ତ୍ରିରଙ୍ଗା ଯୁବକ ସଂଘ, ପ୍ରେସ କ୍ଲବ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ଓକିଲ ସଂଘ, ବିଜୁ ଯୁବ ବାହିନୀ, ଲକ୍ଷ୍ମୀନୃସିଂହ ଭଜନ ସଂଘ, କଳା ମନ୍ଦିର, ନୃତ୍ୟମ ଅନୁଷ୍ଠାନ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହ ଶେରଗଡ଼ ଆଇଆଇସି ବିଶ୍ୱ ରଞ୍ଜନ ନାୟକ, ଏସଆଇ ଝସକେତନ ଭୋଇ ,ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ମହାପାତ୍ର, ପୂର୍ବତନ ଉପାଧକ୍ଷ ପବିତ୍ର ପାଣିଗ୍ରାହୀ, ସୁବାସ ପଲାଇ, ଭୀମସେନ ବେହେରା , ଦେବାନନ୍ଦ ମହାପାତ୍ର, ରଞ୍ଜନ ସାହୁ, ସଞ୍ଜୟ ପଣ୍ଡା, ପ୍ରିୟଦର୍ଶୀ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ